# Akashvani, Sambalpur

## SAMBALPURI NEWS BULLETIN

### 18 October 2025 – 6.47- 6.52 am.

*************************************************

ରାଜ୍ୟପାଲ୍- କୁଳପତି ପଦ୍ ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ଆମେ ଆତ୍ମନିର୍ଭର୍ ହେଲେ ଓଡ଼ିଶା ସମୃଦ୍ଧ ହେବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ୨୦୩୬ ତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ହେବା ଆଉ ରାଜ୍ୟ ସର୍କାର୍ ପେଶା ଆଇନ୍କେ କାର୍ଯ୍ୟକାରୀ କର୍ବେ । ଭୁବ୍ନେଶ୍ୱର୍ ରାଜ୍ଭବନ୍ ଠାନେ ସାମ୍ବାଦିକ୍ ମାନ୍କୁ ସୂଚ୍ନା ଦେଇକରି ଡକ୍ଟର୍ କମ୍ଭମ୍ପାଟି ଇ ବାବ୍ଦେ ସୂଚ୍ନା ଦେଇଛନ୍ । ରାଜ୍ୟର୍ ବିକାଶ୍ ଲାଗି ସର୍କାର୍ଙ୍କର୍ ତର୍ଫୁ ନିଆଯାଇଥିବା ଭିନ୍ ଭିନ୍ ଜନକଲ୍ୟାଣ୍କାରୀ ପଦକ୍ଷେପ୍ ବାବ୍ଦେ ଇ ଅବ୍ସରେ ରାଜ୍ୟପାଲ୍ ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ଇ ଅବ୍ସରେ ରାଜ୍ୟପାଲ୍ ରାଜ୍ୟର୍ ବିଶ୍ୱବିଦ୍ୟାଳୟ ମାନ୍କେ ଆଏବା ୨ /୩ ମାସ୍ ଭିତ୍ରେ ଖାଲି ପଡ଼ିଥିବା କୁଳପତି ପଦ୍ ପୂରଣ୍ କରାଯିବା ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଆଏବା ସୋମ୍‌ବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆୟାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍‌ପତ୍ର ଜରିଏ ସାଧାରଣ୍ ଲୁକ୍‌କୁ ଜନେଇ ଦିଆଯିବା ।

ଉନ୍ନୟନ୍ କମିଶନର୍- ଜିଲ୍ଲାପାଲ୍ କମିଶନ୍/ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ କାର୍ଯ୍ୟକାରୀ ହଉଥିବା ସର୍‌କାରୀ କାର୍ଯ୍ୟକ୍ରମ୍ ମାନ୍‌କର୍ ଅଗ୍ରଗତି ଲାଗି ଜିଲ୍ଲାସ୍ତର୍ ନ ରହୁଥିବା ସମସ୍ୟା ଆଉ ସେସବୁର୍ ସମାଧାନ୍ ବାବ୍‌ଦେ ରାଜ୍ୟର୍ ସବୁ ଜିଲ୍ଲାପାଲ୍ ମାନ୍‌କର୍ ସହେତେ ଆଭାସୀ ଜରିଏ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ବୈଠକ୍‌ଥି ଭିନ୍ ଭିନ୍ ଜିଲ୍ଲା ନ ଅଙ୍ଗନବାଡ଼ି କେନ୍ଦ୍ରର୍ ଭିତିଭୂମିର୍ ବ୍ୟବସ୍ଥା, ବିଧାୟକ୍ ସ୍ଥାନୀୟ ଆଂଚଲିକ୍ ଉନ୍ନୟନ୍ ପାଣ୍ଠି ଯୋଜ୍‌ନା, ମୁଖ୍ୟମନ୍ତ୍ରୀ ଖାସ୍ ସହାୟତା ଯୋଜ୍‌ନା, ଜଲ୍‌ବାୟୁ ସହନ୍‌ଶୀଲ୍ ଚାଷ୍ ଲାଗି ଓଡ଼ିଶା ସମନ୍ୱିତ ଜଲ୍‌ସେଚନ୍ ପ୍ରକଳ୍ପ ବାଗିର୍ ଭିନ୍ ଭିନ୍ କାମ୍‌ର୍ କାର୍ଯ୍ୟକାରିତା ବାବ୍‌ଦେ ଆଲୋଚନା କରାୟାଇଥିଲା ।

ଓଡ଼ିଶା-୨୦୨୫                ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ନଭେମ୍ବର୍ ୧୭ ତାରିଖ୍‌ତକ୍ ସାଇବର୍ ସୁରକ୍ଷା ଅଭିଯାନ୍- ଓଡ଼ିଶା-୨୦୨୫ ମୁଲ୍ ହେଇଛେ । ସାଇବର୍ ଠକେଇ ନୁ ନିଜ୍‌କେ ସୁରକ୍ଷିତ୍ ରଖ୍‌ବାର୍ ଲାଗି ମଜ୍‌ବୁତ୍ ଆଉ ବିଶିଷ୍ଟ ପାସ୍‌ୱାର୍ଡ଼ ଦେବାର୍, ଓଟିପି, ଏଟିଏମ୍ ପିନ୍, ପାସ୍‌ୱାର୍ଡ଼ କାହାକେ ନାଇଁ ଦେବାର୍, ସାମାଜିକ୍ ଗଣମାଧ୍ୟମ୍‌ଥି ନିଜର୍ ବ୍ୟକ୍ତିଗତ ସୂଚ୍‌ନା ସେୟାର୍ ନାଇଁ କର୍‌ବାର୍ ବାଗିର୍ ଭିନ୍ ଭିନ୍ ସଚେତନତା ମୂଲକ୍ ପଦକ୍ଷେପ୍ ନେବାର୍‌କେ ଅନୁରୋଧ୍ କରାଯାଇଛେ । ଇଥିର୍‌ଲାଗି ସାଇବର୍ କ୍ରାଇମ୍ ହେଲ୍ପଲାଇନ୍ ନମ୍ବର୍ ୧୯୩୦ ଭିଲ୍ ଜାରି କରାଯାଇଛେ ।

ମାଇନିଂ କନ୍‌କ୍ଲେଭ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ଭାରତୀୟ ଶିଳ୍ପ ସଂଘ ତର୍‌ଫୁ ଝାର୍‌ସୁଗୁଡ଼ା ଠାନେ ଓଡ଼ିଶା ମାଇନିଂ କନ୍‌କ୍ଲେଭ୍ -୨୦୨୫ ର ଦୁଇଦିନିଆ ଅଧିବେଶନ୍ ଆଉ ପ୍ରଦର୍ଶନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଶିଳ୍ପ, ଦକ୍ଷତା ଆଉ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ ଯୋଗ୍ ଦେଇକରି କହିଛନ୍ ଯେ, ଓଡ଼ିଶା ଖାଲି ଖଣିଜ ଉତୋଲନ୍ କେନ୍ଦ୍ର ନୁହେଁ ଗୁଟେ ବ୍ୟାପକ୍ ଶିଳ୍ପ ପରିବର୍ତନ୍‌ର ନେତୃତ୍ୱ ନେଉଛେ । କାର୍ଯ୍ୟକ୍ରମ୍‌ଥି ଶିଳ୍ପ

ଆଉ ସର୍କାରୀ ଉଦ୍ୟୋଗ୍‌ନୁ ୨ ଶହ ୫୦ ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେଇକରି ଖଣି ଆଉ ଅଲ୍‌ଗା ଶିଳ୍ପ ବିକାଶ୍ ବାବ୍‌ଦେ ଆଲୋଚନା କରିଥିଲେ ।

ପରିବହନ୍ ବିଭାଗ୍- ଇ-ଚାଲାଣ୍ I&PR

ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀ ଗଲାକାଏଲ୍ ରାଜ୍ୟ ପରିବହନ୍ କର୍ତୃପକ୍ଷ - ଏସ୍‌ଟିଏ ପରିଦର୍ଶନ୍ କରିକରି ପରିବହନ୍ ବିଭାଗ୍ ଅଧୀନ୍‌ଥି ଚାଲୁଥିବା ଭିନ୍ ଭିନ୍ ପଦକ୍ଷେପ୍‌ର କାର୍ଯ୍ୟକାରିତାର୍ ସମୀକ୍ଷା କରିଥିଲେ । ଇ ସମିଆଥି ଶ୍ରୀମତୀ ପାଢ଼ୀ - କର୍ତୃପକ୍ଷ, ଅଧୀକାରୀ ଆଉ କର୍ମଚାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ଇ-ଚାଲାଣ୍ ଜରିଏ ଏକାଥର୍‌କେ ଦେୟ ଦେବାର୍ ଲାଗି ଓଟିଏସ୍ ଯୋଜ୍‌ନାର୍ ପ୍ରଭାବଶାଲୀ କାର୍ଯ୍ୟକାରିତା ଉପ୍‌ରେ ଜୋର୍ ଦେଇଥିଲେ ।

ଧର୍‌ତୀ ଆବା ଜନଭାଗିଦାରୀ ଅଭିଯାନ I&PR

ଧର୍‌ତୀ ଆବା ଜନଭାଗିଦାରୀ ଅଭିଯାନ୍ ଅଧୀନ୍‌ଥି ଶ୍ରେଷ୍ଠ ପ୍ରଦର୍ଶନ୍‌କାରୀ ଜିଲ୍ଲା ହିସାବେ ଉଲ୍ଲେଖନୀୟ ପ୍ରଦର୍ଶନ୍ ଆଉ ଅବଦାନ୍ ଲାଗି କେନ୍ଦ୍ର

ସର୍କାର୍ଙ୍କର୍ ଆଦିବାସୀ ମନ୍ତ୍ରଣାଳୟ ତର୍ଫୁ କେନ୍ଦୁଝର୍ ଜିଲ୍ଲାକେ ସ୍ୱୀକୃତି ପ୍ରମାଣ୍ପତ୍ର ଦିଆଯାଇଛେ । ଗଲାକାଏଲ୍ ନୂଆଦିଲ୍ଲୀ ନ ଆଦିବାସୀ ବ୍ୟାପାର୍ ମନ୍ତ୍ରଣାଳୟର୍ ସଚିବ ଇ ସମ୍ମାନ୍ ଦେଇଛନ୍ । ଇ ପଦକ୍ଷେପ୍ ଅଧୀନ୍ଥି କେନ୍ଦୁଝର୍ ଜିଲ୍ଲା ତାର୍ ଲୋକାଭିମୁଖୀ ଯୋଜ୍ନା ଆଉ ଆଦିବାସୀ ମାନ୍କର୍ କଲ୍ୟାଣ୍କାରୀ ଯୋଜ୍ନାର୍ ପ୍ରଭାବ୍ଶାଳୀ କାର୍ଯ୍ୟାନ୍ୱୟନ୍ ଲାଗି ପ୍ରଶଂସିତ୍ ହେଇଛେ ।

ଭୀମ୍ସାର୍ ଇ-ନିରାମୟ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ପହେଲାକରି ବୁର୍ଲା ଭୀମ୍ସାର୍ ନ ଇ-ନିରାମୟ ଯୋଜ୍ନା ମୁଲ୍ ହେଇଛେ । ଭୀମ୍ସାର୍ ସୁପର୍ ସ୍ପେଶାଲିଟି ବିଭାଗ୍ କୋଠା ନ ରହିଥିବା ନିରାମୟ କେନ୍ଦ୍ରଥି ଇ ବ୍ୟବସ୍ଥା ମୁଲ୍ ହେଇଛେ । ଆଏବା ଦିନେ ରାଜ୍ୟର୍ ଅଲ୍ଗା ମେଡ଼ିକାଲ୍ କଲେଜ୍ ହସ୍ପିଟାଲ୍ ନ ଭିଲ୍ ଇ ବ୍ୟବସ୍ଥା କରାଯିବା ବଲି ଜନାପଡ଼ିଛେ । ରୋଗୀମାନ୍କର୍ ଲାଗି ମାହାଲିଆ ଉଷୋ ବାଂଟ୍ବାର୍ଥି ସ୍ୱଚ୍ଛତା ଆନ୍ବାର୍ ଲାଗି ଇ ବ୍ୟବସ୍ଥା ମୁଲ୍ ହେଇଛେ ବଲି ଭିମ୍ସାର୍ କର୍ତୃପକ୍ଷ ସୂଚ୍ନା ଦେଇଛନ୍ ।

ଧନୁଯାତ୍ରା ଚରିତ୍ର କଲାକାର୍ ବର୍ଗଡ଼୍ ସମ୍ବାଦଦାତା

୭୮ ନମ୍ବର୍ ବର୍‌ଗଡ୍ ଧନୁଯାତ୍ରା ମହୋତ୍ସବ୍ ସମିତି କାର୍ଯ୍ୟକାରୀ କମିଟିର୍ ନିଷ୍ପତି ଅନ୍‌ସାରେ ବର୍‌ଗଡ୍ ଧନୁଯାତ୍ରାର୍ ଭିନ୍ ଭିନ୍ ଚରିତ୍ର ଲାଗି କଲାକାର୍‌ମାନ୍‌କୁ ବାଛ୍‌ବାର୍‌କେ ଇଚ୍ଛୁକ୍ କଲାକାର୍‌ମାନ୍‌କର୍‌ନୁ ଆବେଦନ୍ ଆହ୍ୱାନ୍ କରାଯାଉଛେ । ପ୍ରାର୍ଥୀମାନେ ନିର୍ଦ୍ଧାରିତ୍ ଆବେଦନ୍ ପତ୍ର ବର୍‌ଗଡ୍ ଜିଲ୍ଲା ୱେବ୍‌ସାଇଟ୍ ନାହେତ ଧନୁଯାତ୍ରା ୱେବ୍‌ସାଇଟ୍ ନୁ ଡାଉନ୍‌ଲୋଡ୍ କରିକରି ଅତିରିକ୍ତ ଜିଲ୍ଲାପାଲ୍ ଆଉ ଧନୁଯାତ୍ରା ମହୋତ୍ସବ୍ ସମିତିର୍ ଉପସଭାପତି କାର୍ଯ୍ୟାଳୟ ଠାନେ ଆଏଜ୍‌ଠାନୁ ଆଏବା ୧ ତାରିଖ୍ ଭିତ୍‌ରେ ଦାଖଲ୍ କରିପାର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଝନେ କଲାକାର୍ ସବୁନୁ ଜହ ୨ ଟା ଭୂମିକା ଲାଗି ଆବେଦନ୍ କରିପାର୍‌ବେ ।

କ୍ରୀଡ଼ା ପ୍ରତିଭା ଚୟନ୍ ଶିବିର ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ୍ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ପୁର୍‌ନାଗଡ୍ ନ ଥିବା ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ଚାଲିଥିବା ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଭା ଚୟନ୍ ଶିବିର ଉଦ୍‌ଯାପିତ୍ ହେଇଯାଇଛେ । ମାଧ୍ୟମିକ୍ ଆଉ ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟକେ ନେଇକରି ୬ ଟା କ୍ରୀଡ଼ା ଜୋନ୍‌ନୁ ବରିଷ୍ଠ ଆଉ କନିଷ୍ଠ ବର୍ଗଥି ବଛାହେଇକରି ଆସିଥିବା ୨ ଶହ ୭୯ ଝନ୍ ଛାତ୍ର ଆଉ ୨ ଶହ ୨୦ ଝନ୍ ଛାତ୍ରୀ ଖେଲାଳିଙ୍କୁ ନେଇକରି ଫୁଟ୍‌ବଲ୍,

ଭଲିବଲ୍, ହକି, ଖୋ ଖୋ, କବାଡ଼ି, ବେଡ୍‌ମିଂଟନ୍ ଆଉ ଦୌଡ଼୍‌କୁଦ ବାଗିର୍ ଖେଲ୍‌ଥି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ମନୋନୀତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ସୋମ୍‌ବାର୍ ନୁ ଦକ୍ଷିଣ ବଙ୍ଗୋପ୍‌ସାଗର୍ ନ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଆଏବା ୨୩/୨୪ ତାରିଖ୍ ବେଲ୍‌କେ ଲଘୁଚାପ୍ କ୍ଷେତ୍ର ଅବପାତ୍‌ଥି ବଦ୍‌ଲିପାରେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ସାରା ରାଏଜେ ପାଗ୍ ଶୁଖା ରହିପାରେ ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।